بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧ ମଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟବାଦୀ ଦାସ ହଜରତ ମସିହ ମଉଦ[ଅ.ସ]ଙ୍କ ଆଦର୍ଶମୟ ଜୀବନ ଯହିଁରେ କୌଣସି ପରିସ୍ଥିତି ହେଉନା କାହିଁକି ସତ୍ୟ ଉପରେ ପ୍ରତିଷ୍ଠିତ ରହିବା ଓ ଏହି ପରିପ୍ରେକ୍ଷୀରେ ବିରୋଧୀମାନଙ୍କୁ ଚ୍ୟାଲେଞ୍ଜ ଦେବା ଘଟଣାବଳୀର ବିଶ୍ୱାସବର୍ଦ୍ଧକ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟବାଦୀ ଦାସ ହଜରତ ମସିହ ମଉଦ[ଅ.ସ] ଯେକୌଣସି ପରିସ୍ଥିତି ହେଉନା କାହିଁକି ସତ୍ୟ ଉପରେ ପ୍ରତିଷ୍ଠିତ ରହିବା ଓ ଏହି ପ୍ରସଙ୍ଗରେ ହୁଜୁର[ଅ.ସ] ନିଜ ବିରୋଧୀମାନଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେବା କେତେକ ଘଟଣାବଳୀର ଆଜି ମୁଁ ଚର୍ଚ୍ଚା କରିବି । ସେହି ଘଟଣାଗୁଡ଼ିକ ହଜରତ ମସିହ ମଉଦ[ଅ.ସ]ଙ୍କ ଜୀବନରେ ସତ୍ୟ ସହିତ ଅସାଧାରଣ ରୂପେ ସଂଶ୍ଳିଷ୍ଟ ଥିବା, ଆପଣଙ୍କ ସତ୍‌ସାହସ ଓ ବିରୋଧୀମାନଙ୍କୁ ମୁକାବିଲା କରିବା ସକାଶେ ଖୋଲା ମଇଦାନକୁ ଆମନ୍ତ୍ରିତ କରିବାର ଅତ୍ୟନ୍ତ ପ୍ରକାଶ୍ୟ ନମୁନା ଉପସ୍ଥାପନ କରୁଅଛି । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେତେବେଳେ ମୌଲବୀ ମୁହମ୍ମଦ ହୁସେନ୍ ବଟାଲଓ୍ୱି ହୁଜୁର[ଅ.ସ]ଙ୍କ ଉପରେ ଅମାନ୍ୟକାରୀ ଓ ମିଥ୍ୟା ବଚନ କରିବା ପରି ଗମ୍ଭୀର ଆରୋପ ଲଗାଇଲା ସେତେବେଳେ ମହାଭାଗ କେବଳ ନିଜ ପ୍ରତିରକ୍ଷା କରିବାରେ ସୀମିତ ରହିଲେ ନାହିଁ, ବରଂ ଅଟଳ ବିଶ୍ୱାସ ଓ ପୂର୍ଣ୍ଣ ଦାମ୍ଭିକତାର ସହିତ ତାହାକୁ ଏକ ନିର୍ଣ୍ଣାୟକ ଚ୍ୟାଞ୍ଜେଲେ ଦେଲେ । ହୁଜୁର[ଅ.ସ] ତାକୁ ସ୍ପଷ୍ଟ ଉକ୍ତିରେ କହିଲେ; **ମୋର ସାରା ଜୀବନ ଏହି ବିଷୟର ଜ୍ୱଳନ୍ତ ପ୍ରମାଣ ଯେ ମୁଁ କଦାପି ମିଛ କହି ନାହିଁ** । ନା ସାମାନ୍ୟ ଅବସ୍ଥାରେ, ଆଉ ନା କୌଣସି ଉତ୍କଟ ପରିସ୍ଥିତିରେ ଯେବେକି ନିଜ ପ୍ରାଣ, ସମ୍ମାନ ଓ ଧନ ଆଦିକୁ ରକ୍ଷା କରିବା ପାଇଁ ମିଛ କହିବା ଏକ ସହଜ ଉପାୟ ଥିଲା ।

ହଜରତ ମସିହ ମଉଦ[ଅ.ସ] କହିଲେ; ଅଦାଲତ୍‌ରେ ବି ଯେଉଁଠାରେ ଓକିଲମାନେ ସଫା ସଫା କହିଦେଲେ ଯେ କେସ୍ ଜିତିବା ନିମନ୍ତେ ଆପଣଙ୍କୁ ମିଛ କହିବାକୁ ହିଁ ପଡିବ । କିନ୍ତୁ ସେଠାରେ ମଧ୍ୟ ପୁଣ୍ୟଶ୍ଳୋକ ସତ କହିବାକୁ ପ୍ରାଧାନ୍ୟ ଦେଲେ ଓ କ୍ଷତି ସହ୍ୟ କଲେ, ତଥାପି ସତ୍ୟକୁ ହାତଛଡା କଲେ ନାହିଁ । ସେଥିଅନ୍ତେ ହୁଜୁର[ଅ.ସ] ଖୁବ୍ ତୀବ୍ର କଣ୍ଠରେ ନିଜ ବିରୋଧୀମାନଙ୍କୁ ସମ୍ବୋଧନ କରି କହିଲେ; ଯଦି ତୁମେମାନେ ନିଜ ଦାବିରେ ସତ୍ୟବାଦୀ ତେବେ କେବଳ ଅଭିଯୋଗ କରି ଚାଲ ନାହିଁ, ବରଂ ଅକାଟ୍ୟ ଓ ସ୍ପଷ୍ଟ ପ୍ରମାଣ ଉପସ୍ଥାପନ କର । କାରଣ ଜଣେ ସତ୍ୟବାଦୀ ଓ ଈଶ୍ୱରପ୍ରେମୀ ବ୍ୟକ୍ତି କଦାପି ଅନୁସନ୍ଧାନ ନକରି କାହା ଉପରେ ଅମାନ୍ୟକାରୀ ଓ ଦୁର୍ଜନ ହେବାର ଆପତ୍ତି ବାଢ଼ି ଦେଇ ନଥାଏ । ଏହା ମାତ୍ର ନିଜର ପ୍ରତିରକ୍ଷା କରିବା ନଥିଲା, ବରଂ ଏକ ଏପରି ଚାରିତ୍ରିକ ଓ ଆଧ୍ୟାତ୍ମିକ ସ୍ତର ନିର୍ଦ୍ଧାରଣ କରିବା ଥିଲା, ଯହିଁରେ ବିରୋଧୀ ସ୍ୱୟଂ କାଠଗଡାକୁ ଆସି ଯାଇଥାଏ । ପୁନଶ୍ଚ ହୁଜୁର[ଅ.ସ] ମାମଲାକୁ ଅନ୍ୟ ଏକ ଦିଗ ଓ ଉଚ୍ଚ ସ୍ତରକୁ ନେଇ ଏକ ନିର୍ଣ୍ଣାୟକ ଓ ଅଭୂତପୂର୍ବ୍ବ ଚ୍ୟାଞ୍ଜେଲେ ଦେଲେ ଯେ ଆସ ଆମେ ଦୁହେଁ ଏହି ମାନଦଣ୍ଡରେ ପରସ୍ପରକୁ ପରଖି ନେବା, ଯାହାକୁ ପୁରୁଷୋତ୍ତମ ହଜରତ ମୁହମ୍ମଦ[ସ.ଅ] ଓ ପବିତ୍ର କୁରଆନ ସତ୍ୟତାର ଚିହ୍ନ ବୋଲି ବିବେଚିତ କରିଛନ୍ତି । ଅର୍ଥାତ୍ ଆଧ୍ୟାତ୍ମିକ ସତ୍ୟତା (ସତ୍ୟସ୍ୱପ୍ନ ଓ ଦୈବିବାଣୀର ସତ୍ୟତା) ରୂପକ ମାନଦଣ୍ଡ ।

ଯୁଗାବତାର ସର୍ବସାଧାରଣରେ ଘୋଷଣା କଲେ ଯେ ଏକ ବୈଠକର ଆୟୋଜନ କରନ୍ତୁ, ଯହିଁରେ ଉଭୟ ପକ୍ଷ ନିଜ ନିଜର ସାକ୍ଷ୍ୟ ଉପସ୍ଥାପନ କରିବେ ଏବଂ ଯାହାର ସତ୍ୟତା ପ୍ରକଟିତ ହୋଇଯିବ, ସେହିକ୍ଷଣି ଦ୍ୱିତୀୟ ପକ୍ଷକୁ ମିଥ୍ୟାବାଦୀ, **ଦଜ୍ଜାଲ୍** (ପ୍ରବଂଚକ) ଓ ଶଠ ସ୍ୱୀକାର କରିନିଆଯିବ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଠାରେ ହୁଜୁର[ଅ.ସ]ଙ୍କ ସତ୍‌ସାହସ ଶିର୍ଷରେ ଅଧିଷ୍ଠିତ ଥିବା ଦୃଶ୍ୟମାନ ହେଉଅଛି । ହୁଜୁର[ଅ.ସ] ଆହୁରି କହିଲେ; ଯଦି ମୁଁ ଏହି ପରୀକ୍ଷାରେ ମିଥ୍ୟାବାଦୀ ପ୍ରମାଣିତ ହେଲି ତେବେ ମୋ ଉପରେ ଲଗାଯାଇଥିବା ସମସ୍ତ ଆରୋପ ଓ ଅଭିଯୋଗକୁ ମୁଁ ସାଦରେ ଗ୍ରହଣ କରିନେବି । ତେଣିକି ତାହା ଅମାନ୍ୟକାରୀ, **ଦଜ୍ଜାଲ୍** (ପ୍ରବଂଚକ) ଓ ଧୋକାବାଜ ହେବାର ଆରୋପ ହେଉ ନାକାହିଁକି । କିନ୍ତୁ ଯଦି ପରମ ପ୍ରତାପୀ ଅଲ୍ଲାଃ ମୋ ସତ୍ୟତାକୁ ପ୍ରମାଣିତ କରିଦେଲେ ତେବେ କ'ଣ ତୁମ ଠାରେ ଏହି ସାହସ ଅଛି, ଯେ ତୁମେ ନିଜ ଉପରେ ମଧ୍ୟ ଏହିସବୁ ଆରୋପ ସ୍ୱୀକାର କରିନେବ ? ଏହା ହୁଜୁର[ଅ.ସ]ଙ୍କର କେବଳ ମାତ୍ର ଶବ୍ଦ ସଂଯୋଜନା ନଥିଲା, ବରଂ ଏକ ଖୋଲା, ନିର୍ଦ୍ଦ୍ୱନ୍ଦପୂର୍ଣ୍ଣ ଓ ନିଷ୍ପତ୍ତିକାରୀ ଚ୍ୟାଞ୍ଜଲେ ଥିଲା ।

ଶେଷରେ ହୁଜୁର[ଅ.ସ] ଅତି ଦୃଢ଼ ବିଶ୍ୱାସ ଓ ଶୌର୍ଯ୍ୟର ସହିତ ଘୋଷଣା କଲେ ଯେ ସର୍ବଶକ୍ତିମାନ ଅଲ୍ଲାଃ ଏହାର ନିଷ୍ପତ୍ତି କରିବେ । ଆଉ ସେହି ସମୟ ଅତି ନିକଟବର୍ତ୍ତୀ ଯେତେବେଳେ ପ୍ରତ୍ୟେକ ଲାଛନା ଓ ମିଥ୍ୟାରୋପକାରୀର ବାସ୍ତବିକତା ପ୍ରକଟିତ ହୋଇଯିବ । ଜାଣିରଖ ! ଯିଏ ଅନ୍ୟକୁ ଅପମାନିତ କରିବାକୁ ଛିଡ଼ା ହୁଏ, ସେ ସ୍ୱୟଂ ନିନ୍ଦିତ ଓ ତିରସ୍କୃତ ହୋଇଥାଏ । ଯଦି ଆପଣ ସତ୍ୟାନୁରାଗୀ ହୋଇ ମୋ ଜୀବନୀ ଉପରେ ଦୃଷ୍ଟି ପକାଇବେ ତେବେ ସୁନିଶ୍ଚିତ ରୂପେ ଆପଣଙ୍କ ଉପରେ ଏକଥା ଉନ୍ମୁକ୍ତ ହୋଇଯିବ ଯେ ଈଶ୍ୱର ସର୍ବଦା ମିଥ୍ୟାର କଳୁଷତା ଓ ଅପବିତ୍ରତାରୁ ମୋତେ ସୁରକ୍ଷିତ ରଖିଛନ୍ତି । ଏପରିକି କେତେକ ଇଂରେଜଙ୍କ ଅଦାଲତ୍‌ରେ ମୋର ପ୍ରାଣ ଓ ମାନମର୍ଯ୍ୟାଦା ଏପରି ଭୟଙ୍କର ବିପତ୍ତିରେ ପଡିଯାଇଥିଲା, ଯେ ସେହିସ୍ଥଳେ ମିଛ କହିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନଥିବାର ଓକିଲମାନେ ପରାମର୍ଶ ଦେଇଥିଲେ । କିନ୍ତୁ ମହାପ୍ରତାପୀ ଅଲ୍ଲାଃଙ୍କ ପ୍ରଦତ୍ତ ସାମର୍ଥ୍ୟ ବଳରେ ମୁଁ ସତ ପାଇଁ ନିଜ ଜୀବନ ଓ ସମ୍ମାନକୁ ବାଜି ଲାଗାଇଦେଲି । ପୁଣି ଅନେକ ଜମିଜମା ମକଦ୍ଦମାରେ ସତ୍ୟ ବଚନ ସକାଶେ ବଡ ବଡ କ୍ଷତି ସହ୍ୟ କରିଛି । ଆଉ ଅନେକ ସମୟରେ କେବଳ ଅଲ୍ଲାଃଙ୍କ ସକାଶେ ନିଜ ପିତା ଓ ଭାଇଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେଲି, କିନ୍ତୁ ସତ କହିବାରୁ ବିରତ ରହିଲି ନାହିଁ । **କିଏ ପ୍ରମାଣିତ କରିପାରିବ ଯେ ମୋ ମୁଖରୁ କଦାଚିତ ମିଥ୍ୟା ବଚନ ନିଃସୃତ ହୋଇଛି** । ତେଣୁ ଯେତେବେଳେ ମୁଁ ଛାର ମନୁଷ୍ୟ ସକାଶେ ପ୍ରାରମ୍ଭରୁ ହିଁ ମିଛ କହିବାରୁ ନିବୃତ୍ତ ରହିଲି ଓ ବାରମ୍ବାର ନିଜ ପ୍ରାଣ ତଥା ଧନସମ୍ପତ୍ତିକୁ ସତ କହିବାରେ ବଳି ପକାଇ ଦେଲି ତେବେ କ'ଣ ଏବେ ମୁଁ ପରାକ୍ରମୀ ଅଲ୍ଲାଃଙ୍କ ସକାଶେ ମିଛ କହିବି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଉ ଏକ କଥା ମଧ୍ୟ ସତ୍ୟବାଦୀଙ୍କ ସକାଶେ ପରୀକ୍ଷାର ମାଧ୍ୟମ ହୋଇଯାଇଥାଏ । ତାହା ଏହିକି ଯେ କଦାଚିତ ବ୍ୟକ୍ତି ଏପରି କୌଣସି ସମସ୍ୟା ଘେରରେ ପଡିଯାଏ ଯେ ସେହିସ୍ଥଳେ ମିଛ କହିବା ବ୍ୟତୀତ ମୁକ୍ତି ପାଇବାର ଅନ୍ୟ ଉପାୟ ନଥାଏ । ତାହା ତା'ର ପରୀକ୍ଷାର ବେଳ, ଯେ ସେ ସେହି ସଙ୍କଟାପର୍ଣ୍ଣ ପରିସ୍ଥିତିରେ ସତ୍ୟ ଉପରେ ପ୍ରତିଷ୍ଠିତ ରହୁଛି ଅବା ମିଥ୍ୟାର ଆଶ୍ରୟ ନେଉଛି । ଏହି ପରିପ୍ରେକ୍ଷୀରେ ହଜରତ ମସିହ ମଉଦ[ଅ.ସ] ନିଜ ଜୀବନର ତିନୋଟି ନମୁନା ଉପସ୍ଥାପନ କରିଛନ୍ତି । **ପ୍ରଥମ** ମିର୍ଜା ଅଜିମ୍ ବେଗ୍ ସାହେବ ଲାହୋର ନିବାସୀଙ୍କ ପ୍ରଚେଷ୍ଟାରେ କରାଯାଇଥିବା ସମ୍ପତ୍ତି ଦଖଲ କରିବା ମକଦ୍ଦମା, **ଦ୍ୱିତୀୟ** ଡ଼ାକଘରର ମକଦ୍ଦମା ଓ **ତୃତୀୟ** ହୁଜୁର[ଅ.ସ]ଙ୍କ ସୁପୁତ୍ର ମିର୍ଜା ସୁଲତାନ୍ ଅହମଦ ସାହେବଙ୍କ ତରଫରୁ ଜଣେ ହିନ୍ଦୁ ବ୍ୟକ୍ତି ଉପରେ କରାଯାଇଥିବା ମକଦ୍ଦମା । ଯେଉଁ ମକଦ୍ଦମାରେ ମିର୍ଜା ସୁଲତାନ୍ ଅହମଦ ସାହେବ ଦାବି କରିଥିଲେ, ଯେ ସମ୍ପୃକ୍ତ ହିନ୍ଦୁ ବ୍ୟକ୍ତି ଜଣକ ହୁଜୁର[ଅ.ସ] ଓ ଆପଣଙ୍କ ପୈତିକ ସମ୍ପତ୍ତି (ଅର୍ଥାତ୍ ଜମି) ଉପରେ ଘର ନିର୍ମାଣ କରିଛନ୍ତି, ତେଣୁ ତାହାକୁ ଧୂଳିସାତ କରାଯାଉ । କିନ୍ତୁ ସେଥିରେ ଗୋଟିଏ ପ୍ରସଙ୍ଗ ବାସ୍ତବିକ ଘଟଣା ବିପରୀତ ଥିଲା । ସୁତରାଂ ବିରୋଧୀମାନେ ସାକ୍ଷ୍ୟ ଦେବା ବ୍ୟକ୍ତିଙ୍କ ସୂଚୀରେ ହଜରତ ମସିହ ମଉଦ[ଅ.ସ]ଙ୍କ ନାମ ସାମିଲ କରିଦେଲେ, ଯେ ଯାହା ମିର୍ଜା ସାହେବ

ସାକ୍ଷ୍ୟ ଦେବେ ଆମେ ତାହା ମାନି ନେବୁ । ହୁଜୁର[ଅ.ସ] କୁହନ୍ତି; ସେହି ମକଦ୍ଦମା ମୁଁ ସତ କହିବା ଯୋଗୁଁ ସ୍ୱହସ୍ତରେ ଖରାପ କରିଦେଲି ଏବଂ ସତ କହିବାକୁ ପ୍ରାଥମିକତା ଦେଇ ଆର୍ଥିକ କ୍ଷତି ସହ୍ୟ କରିବା ବରଦାସ୍ତ କଲି ।

ଏବେ ହେ ହଜରତ ଶେଖ୍ ସାହେବ ! ଅର୍ଥାତ୍ ମୌଲବୀ ସାହେବଙ୍କୁ ସମ୍ବୋଧନ କରି ହୁଜୁର[ଅ.ସ] କହିଲେ; ଯଦି ଆପଣଙ୍କ ନିକଟରେ ଏପରି କୌଣସି ଦୃଷ୍ଟାନ୍ତ ରହିଛି, ଯହିଁରେ ଆପଣଙ୍କ ଧନଜୀବନ ଓ ମାନସମ୍ମାନ ସତ କହିବା ଯୋଗୁଁ ବରବାଦ ହେବାର ଭୟ ରହିଥିବ ଓ ଆପଣ ସତ କହିବାରୁ ବିରତ ରହି ନଥିବେ ତଥା ନିଜ ଧନଜୀବନ ଓ ମାନସମ୍ମାନର ତିଳେ ମାତ୍ର ପରୁଆ କରି ନଥିବେ ତେବେ ଅଲ୍ଲାଃଙ୍କ ଖାତିର୍ ପ୍ରମାଣ ସହିତ ଉପସ୍ଥାପନ କରନ୍ତୁ । ନଚେତ ମୋର ବିଶ୍ୱାସ ଯେ ଚଳିତ ଯୁଗର ଅଧିକାଂଶ **ମୁଲ୍ଲା** ଓ ମୌଲବୀମାନେ ତ ଖାଲି ଚାଟୁକଥା ହିଁ କହିଥା'ନ୍ତି । ଆଉ ଏକ ପଇସା ପାଇଁ ନିଜ ବିଶ୍ୱାସ ଓ ଆସ୍ଥାକୁ ବିକ୍ରି କରିବା ପାଇଁ ପ୍ରସ୍ତୁତ ହୋଇଯାଇଥା'ନ୍ତି । କାରଣ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଅନ୍ତିମ ଯୁଗର ମୌଲବୀମାନଙ୍କୁ ସବୁଠାରୁ ନିଚ୍ଚ ପ୍ରାଣୀ ଦର୍ଶାଇଛନ୍ତି । ଆପଣଙ୍କ **ମୁଜଦିଦ୍** (ସୁଧାରକ) ସାହେବ ମୃତକ ନଓ୍ୱାବ ସିଦ୍ଦିକ୍ ହସନ ଖାଁ 'ହିଜଜୁଲ୍ କରାମାଃ'ରେ ଏକଥା ସ୍ୱୀକାର କରିଛନ୍ତି, ଯେ ସାମ୍ପ୍ରତିକ ଯୁଗ ହିଁ ସେହି ଅନ୍ତିମ ଯୁଗ । ସୁତରାଂ ଏପରି ମୌଲବୀମାନଙ୍କ ନିଷ୍ଠା ଓ ଧର୍ମପରାୟଣତାକୁ ବିନା ପ୍ରମାଣରେ ସ୍ୱୀକାର କରିବା ନବୀଶ୍ରେଷ୍ଠଙ୍କ ପବିତ୍ର ବାଣୀକୁ ଅସ୍ୱୀକାର କରିବା ସିଦ୍ଧ ହେବ । ତେଣୁ ଆପଣଙ୍କ ପାଇଁ ପ୍ରଯୁଜ୍ୟ ଯେ ନିଜ ସତ୍ୟତାର ପ୍ରମାଣ ଦିଅନ୍ତୁ । ଯଦି ଦଲିଲ ଦେଇ ନପାରନ୍ତି ତେବେ ଏହା ପ୍ରମାଣିତ ହେବ ଯେ ଆପଣ ସତ କହୁ ଥିବାର ଖାଲି ଦାବି କରୁଛନ୍ତି । କିନ୍ତୁ କୌଣସି ଦାବି ବିନା ପରୀକ୍ଷାରେ ଗ୍ରହଣ ଯୋଗ୍ୟ ନୁହେଁ । ଆପଣଙ୍କ ଅନ୍ତରର ଅବସ୍ଥା ତ ମହିମାମୟ ଅଲ୍ଲାଃ ବେଶ ଭଲ ଭାବରେ ଜାଣନ୍ତି, ଯେ ଆପଣ କଦାଚିତ ମିଛ ଓ ମିଥ୍ୟାରୋପର ଅପବିତ୍ରତାରେ ସଂଶ୍ଳିଷ୍ଟ ରହିଛନ୍ତି ଅବା ନୁହେଁ । ତାହା ମୁଁ ତ ଜାଣି ନାହିଁ, ହଁ ସଦା ସର୍ବଜ୍ଞ ଅଲ୍ଲାଃଙ୍କୁ ଜଣାଅଛି । କାରଣ ଗୋପନ ବିଷୟ ତାଙ୍କୁ ହିଁ ଜଣା ଅବା ସେହି ଲୋକମାନେ ଜାଣିଥିବେ ଯିଏ ଆପଣଙ୍କ ଅବସ୍ଥା ସହିତ ପରିଚିତ । ମନେରଖ ! ଯେଉଁ ବ୍ୟକ୍ତି ପରୀକ୍ଷା ସମୟରେ ସତ୍ୟ ଉପରେ ପ୍ରତିଷ୍ଠିତ ରହିଥାଏ ଓ ସତ କହିବାକୁ ହାତଛଡା କରି ନଥାଏ । ତାହାର ସତ୍ୟବାଦୀ ହେବାରେ ମୋହର ଲାଗିଯାଇଥାଏ । ଯଦି ଏହି ମୋହର ଆପଣଙ୍କ ନିକଟରେ ରହିଛି ତେବେ ତାହାର ପ୍ରମାଣ ଦିଅନ୍ତୁ, ନଚେତ୍ ସେହି ଈଶ୍ୱରଙ୍କୁ ଭୟ କରନ୍ତୁ । କାରଣ ଏପରି ନହେଉ କି ସେ ତୁମ ପ୍ରଚ୍ଛନ୍ନ ବିଷୟ ପ୍ରକାଶିତ କରିଦିଅନ୍ତୁ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମିର୍ଜା ସୁଲତାନ ଅହମଦ ସାହେବଙ୍କୁ ଯେତେବେଳେ ଜ୍ଞାତ ହେଲା ଯେ ବିରୋଧୀମାନେ ହଜରତ ମସିହ ମଉଦ[ଅ.ସ]ଙ୍କୁ ସାକ୍ଷ୍ୟ ଦେବାର ତଲବ କରିଛନ୍ତି, ସେତେବେଳେ ଯେହେତୁ ସେ ଜାଣିଥିଲେ ହୁଜୁର[ଅ.ସ] କଦାପି ମିଛ କହିବେ ନାହିଁ, ତେଣୁ ସେ ଉକ୍ତ ମକଦ୍ଦମାକୁ ଉଠାଇ ନେଲେ । ହୁଜୁର ଅନଓ୍ୱର[ଅ.ବ] ସେହି ଅଟ୍ଟାଳିକାର ଐତିହାସିକ ବିବରଣୀ ମଧ୍ୟ ବର୍ଣ୍ଣନା କଲେ, ଯେ ସେହି ଅଟ୍ଟାଳିକା ଡ଼େପୁଟି ଶଙ୍କର ଦାସ ନାମରେ ସୁପ୍ରସିଦ୍ଧ ଥିଲା । ଯିଏକି ପରମ ଈର୍ଷାପରାୟଣ ଓ (ହୁଜୁର[ଅ.ସ]ଙ୍କର) ବିରୋଧୀ ଥିଲା । ସେହି ଅଟ୍ଟାଳିକାରୁ ହୁଜୁର[ଅ.ସ]ଙ୍କ ଘର ଲୋକଙ୍କର ବେପର୍ଦା ହେଉଥିଲା । ପୁଣି ସେହି ବ୍ୟକ୍ତି ଜଣକ ନମାଜ ପାଇଁ ଆସୁଥିବା ଲୋକମାନଙ୍କୁ ଗାଳିମଗୁଲଜ ମଧ୍ୟ କରୁଥିଲା । ଯେତେବେଳେ ନମାଜୀ ହୁଜୁର[ଅ.ସ]ଙ୍କ ନିକଟରେ ତାହାର ଅଭିଯୋଗ କଲେ ସେତେବେଳେ ପୁଣ୍ୟଶ୍ଳୋକ କହିଲେ; ଧୈର୍ଯ୍ୟ ରକ୍ଷାକର ! ସର୍ବଶକ୍ତିମାନ (ଅଲ୍ଲାଃଙ୍କ) ସମ୍ମୁଖରେ କେହି ହେଲେ ତିଷ୍ଠି ରହିପାରିବେ ନାହିଁ । ଅତଏବ ଦେଖୁଦେଖୁ ଡ଼େପୁଟି ଶଙ୍କର ଦାସର ହସଖୁସିର ସଂସାର ଉଜୁଡ଼ି ଗଲା ଓ ସେ ସ୍ୱୟଂ ବ୍ୟାଧିଗ୍ରସ୍ତ ହୋଇ ଅବା କୌଣସି ପ୍ରକାରେ ଏଠାରୁ ଚାଲିଗଲା । ତା'ପରେ ସେହି ଅଟ୍ଟାଳିକାକୁ ଶ୍ରୀମାନ ଶେଖ୍ ୟାକୁବ୍ ଅଲୀ ଇରଫାନୀ ସାହେବ[ର.ଅ] ଖରିଦ୍ କରିନେଲେ । ୧୯୩୨ ମସିହାରେ ସେହି ଅଟ୍ଟାଳିକାକୁ ସଦର୍ ଅଞ୍ଜୁମନ୍ ଅହମଦିୟାର କାର୍ଯ୍ୟାଳୟ ରୂପେ ଚୟନ କରାଗଲା ଓ ହଜରତ ମସିହ ମଉଦ[ଅ.ସ]ଙ୍କ ପବିତ୍ର ହସ୍ତରେ ତାହାର ଶୁଭାରମ୍ଭ ମଧ୍ୟ ହୋଇଥିଲା । ବିଧିର ବିଧାନ ଦେଖ ସେହି ବ୍ୟକ୍ତି ଯିଏ ଅତି ନିଷ୍ଠୁର ଓ ଅହଂକାରପୂର୍ଣ୍ଣ ସହିତ ଈଶ୍ୱରଙ୍କ ଉପାସନା କରିବାକୁ ଆସୁଥିବା ଲୋକମାନଙ୍କୁ ରୋକୁ ଥିଲା, ଆଜି ତାହାର ସେହି ଅଟ୍ଟାଳିକାକୁ ଈଶ୍ୱର ମସଜିଦ୍ କରିଦେଲେ ।

ସେହି ଅଟ୍ଟାଳିକା ଏବେ ମସଜିଦ୍ ଅକ୍ସାର ଅଂଶ ବିଶେଷ ।

ଏହି କେତେକ ମକଦ୍ଦମାର ଚର୍ଚ୍ଚା କରି ହଜରତ ଶେଖ୍ ନୁର୍ ଅହମଦ ସାହେବ[ର.ଅ] ବର୍ଣ୍ଣନା କରନ୍ତି; ମୋର ପିତା ଓ ବଡବାପା ସେହି ଘଟଣାର ଆଲୋଚନା କରନ୍ତି, ଯେ ଆମ ଗ୍ରାମ ମିର୍ଜା ସାହେବଙ୍କ ଅଧିକାରଭୁକ୍ତ ଥିଲା । କିଛିକାଳ ହୁଜୁର[ଅ.ସ] ନିଜ ପିତାଙ୍କ ଅଧୀନରେ ଥିବା ଯୋଗୁଁ ତାଙ୍କୁ ଆମମାନଙ୍କ ସହିତ ମକଦ୍ଦମାର ଡାକରାରେ ଯିବାକୁ ପଡୁଥିଲା । ମହାଭାଗ ସର୍ବଦା ସତ୍ୟର ପକ୍ଷ ଅକ୍ତିଆର କରୁଥିଲେ । ତେଣିକି ମକଦ୍ଦମାରେ କିପରି କ୍ଷତି ସହ୍ୟ କରିବାର ସଙ୍କଟ ଘନିଭୂତ ହେଉ ନାକାହିଁକି । ହଜରତ ମିଆଁ ଅଲ୍ଲାହ୍‌ୟାର୍ ସାହେବ[ର.ଅ] ବର୍ଣ୍ଣନା କରନ୍ତି; ଯେତେବେଳେ ହଜରତ ମସିହ ମଉଦ[ଅ.ସ]ଙ୍କ ବୟସ ୨୫/୩୦ବର୍ଷ ଥିଲା ସେତେବେଳେ ଆପଣଙ୍କ ପିତା ଓ ତାଙ୍କର ଭାଗଚାଷୀଙ୍କ ମଧ୍ୟର ବୃକ୍ଷ କାଟିବା ନେଇ ବଚସା ହୋଇଗଲା । ହୁଜୁର[ଅ.ସ]ଙ୍କ ପିତାଙ୍କର କହିବା ଥିଲା, ଯେ ଜମିର ମାଲିକ ଆମେ ତେଣୁ ତହିଁରେ ଥିବା ବୃକ୍ଷ ମଧ୍ୟ ଆମର । ଏହି କଳହର ସମାଧାନ ନିମନ୍ତେ ହୁଜୁର[ଅ.ସ] ଗୁରୁଦାସପୁର୍ ଅଦାଲତକୁ ଚାଲିଗଲେ । ହୁଜୁର[ଅ.ସ]ଙ୍କ ସହିତ ଦୁଇଜଣ ସାକ୍ଷୀ ମଧ୍ୟ ଥିଲେ । ହୁଜୁର[ଅ.ସ] ରାସ୍ତାରେ ସେହି ଦୁଇଜଣ ବ୍ୟକ୍ତିଙ୍କୁ କହିଲେ; **ଅବ୍‌ବାଜାନ୍** ଅଯଥାରେ ହିଁ ଜୋର କରୁଛନ୍ତି । ବୃକ୍ଷ ବି ଚାଷ କରିବା ସଦୃଶ ହୋଇଥାଏ । ଏମାନେ ଗରିବ ଲୋକ ଯଦି ଗଛ କାଟିନେଲେ ସେଠୁ କ'ଣ ହୋଇଗଲା । ମୁଁ ତ ଅଦାଲତ୍‌ରେ ଏହି ସାକ୍ଷୀ ଦେଇ ପାରିବି ନାହିଁ, ଯେ ତାହା ଆମର ସମ୍ପତ୍ତି ଥିଲା । ହଁ ! ସେଥିରେ ଆମର ଭାଗ ରହିଥାଇପାରେ । ଭାଗଚାଷୀମାନଙ୍କର ମଧ୍ୟ ଆପଣଙ୍କ ଉପରେ ବହୁତ ଭରସା ଥିଲା । ଯେତେବେଳେ ମାଜିଷ୍ଟ୍ରେଟ୍ ତାଙ୍କୁ ପଚାରିଲେ ସେତେବେଳେ ସେମାନେ ସଙ୍ଗେସଙ୍ଗେ ଉତ୍ତର ଦେଲେ ଆଜ୍ଞା ଖୋଦ ମିର୍ଜା ସାହେବଙ୍କୁ ପଚାରି ବୁଝି ନିଅନ୍ତୁ । ତହୁଁ ଆପଣଙ୍କୁ ପଚରା ଯିବାରୁ ହୁଜୁର[ଅ.ସ] କହିଲେ; ମୋ ମତରେ ବୃକ୍ଷ ହେଉଛି ଫସଲ କରିବା ପରି । ଯେପରି ଫସଲ ଅମଳ ହେଲେ ଆମର ଭାଗ ବାହାର କରାଯାଇଥାଏ ଠିକ୍ ସେହିପରି ବୃକ୍ଷରେ ମଧ୍ୟ ଆମର ଭାଗ ରହିଛି । ବସ୍ତୁତଃ ହୁଜୁର[ଅ.ସ]ଙ୍କର ଏହି ଉତ୍ତରରେ ମାଜିଷ୍ଟ୍ରେଟ୍ ସେହି ଭାଗଚାଷୀଙ୍କ ପକ୍ଷରେ ନିଷ୍ପତ୍ତି ଶୁଣାଇ ଦେଲେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କ ପବିତ୍ର ଓ ସତ୍ୟବାଦୀ ଜୀବନୀର କିଛି ଘଟଣା ଉପସ୍ଥାପନ କଲି । ହୁଜୁର[ଅ.ସ] ସର୍ବଦା ସତ କହିବାକୁ ପ୍ରାଧାନ୍ୟ ଦେଉଥିଲେ ଓ ମିଛ କହିବାର ପାଖ ମାଡୁ ନଥିଲେ । ଦେଖ ହୁଜୁର[ଅ.ସ] ନିଜ ଅନୁଗାମୀମାନଙ୍କୁ ମଧ୍ୟ ସର୍ବଦା ସତ କହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବରଂ **ବୈଅତ୍**ର ସର୍ତ୍ତାବଳୀରେ ଏକଥା ଉଲ୍ଲେଖ ରହିଛି, ଯେ ଆମେ ମିଥ୍ୟାକୁ ଘୃଣା କରିବୁ ଓ ସତ୍ୟ ଉପରେ ପ୍ରତିଷ୍ଠିତ ରହିବୁ । ସୁତରାଂ ଆମମାନଙ୍କର କର୍ତ୍ତବ୍ୟ ଯେ ସତ୍ୟତାକୁ ନିଜର ବିଶେଷ ଗୁଣ ଓ ଅଭିନ୍ନ ଅଙ୍ଗ ରୂପେ ଗ୍ରହଣ କରିନେବା । ଅଲ୍ଲାହ୍‌ତାଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ୍ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

1st May 2026

*Translated to Odia by :* Moulavi Anwar Ahmad Khan